11—1986 *The 4th March, 1986 ( Tuesday )*

# ORISSA
# LEGISLATIVE ASSEMBLY DEBATES

( Ninth Assembly )
SECOND SESSION

# Vol. III–No. 11

ASSEMBLY SECRETARIAT
BHUBANESWAR
*Price—Rs. 10/—*

If we want to do some service Mr. Majhi, I think all of us contribute one month's salary and allowance which will help the children to be men in this world. That is all. Thank you.

ଶ୍ରୀ ଶମ୍ଭୁନାଥ ନାୟକ (ରସୁଲପୁର) : ଅଧ୍ୟକ୍ଷ ମହୋଦୟ, ଗୃହର ନେତା, ବୟୋଜ୍ୟେଷ୍ଠ ଶ୍ରୀ ଭବେନ୍ଦ୍ରନାଥ ମାଝିଙ୍କ ଅକାଳ ବିୟୋଗରେ ଯେଉଁ ଶୋକ ପ୍ରସ୍ତାବ ଆଗତ କରିଛନ୍ତି, ସେଥି ସହିତ ମୁଁ ସହମତ । ଶ୍ରୀ ଭବେନ୍ଦ୍ର ମାଝି ବ୍ୟକ୍ତିଗତ ଭାବରେ ମୋର ଜଣେ ବନ୍ଧୁ ଥିଲେ ଏବଂ ଆମ ଭିତରେ ରାଜନୈତିକ ମତ ପାର୍ଥକ୍ୟ ଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଏତିକି କହିବି, ସେ ସ୍ଥାନୀୟ ରାଜନୀତିରେ ମୌଳିକ ଭାବରେ ଅଂଶ ଗ୍ରହଣ କରିଥିଲେ ତାହା ହେଉଛି ପ୍ରଣିଧାନ ଯୋଗ୍ୟ । କଥା ହେଉଛି ଯେଉଁମାନେ କି ତାଙ୍କ ନିଜ ଦଳର ଲୋକ ବିଭିନ୍ନ ସମାଜ ବିରୋଧୀ କାର୍ଯ୍ୟକଳାପ ଏବଂ ଅପକର୍ମ ସହିତ ଜଡ଼ିତ ସେମାନଙ୍କ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଅବିରାମ ସଂଗ୍ରାମ ଚଳାଇ ଆସିଥିଲେ । ସେଥିପାଇଁ ତାଙ୍କୁ ମୁଁ ବ୍ୟକ୍ତିଗତ ଭାବରେ ଅତୀତରେ ମଧ୍ୟ ଧନ୍ୟବାଦ ଅର୍ପଣ କରି ଆସିଛି ଏବଂ ଆଜି ମଧ୍ୟ ଶୋକ ପ୍ରସ୍ତାବ ସହିତ ସହମତ ପ୍ରକାଶ କରୁଛି । ଏତିକି ଅନୁରୋଧ କରିବି ତାଙ୍କ ପରିବାରବର୍ଗ ପାଇଁ ଗୃହର ନେତା କିଛି ଚେଷ୍ଟା କରିବେ ।

ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ (ଖୋର୍ଦ୍ଧା) : ଶ୍ରୀ ଭବେନ୍ଦ୍ର ନାଥ ମାଝିଙ୍କ ବିୟୋଗ ମୋତେ ବିଶ୍ୱାସ କର ହେଉନାହିଁ । ଯେମିତି ପଣବା କରିବା ବେଳେ ବାଛି ବାଛି ସଜ ପଣବା କରୁ, ବାସି ପଣବା ଛାଡ଼ିଥାଉ, ସେହିଭଳି ଭଗବାନ ଭଲ ଭଲ ମଣିଷଙ୍କୁ ବାଛି ନେଇଯାନ୍ତି । ମୃତ୍ୟୁ ହେଉଛି ଅନନ୍ତ । ସେଠାକୁ ସମସ୍ତେ ଯାଇ ପାରନ୍ତି ନାହିଁ, ଯେତେବେଳେ ସେ ସେଠାକୁ ଯାଇ ସାରିଲେଣି ମୁଁ ତାଙ୍କର ଅନନ୍ତ ଶାନ୍ତି କାମନା କରୁଛି ।

Mr. SPEAKER : ଏହି ଗୃହର ସଦସ୍ୟ ଥିବା ଭବେନ୍ଦ୍ର ନାଥ ମାଝିଙ୍କର ଗତ କାଲି ରାତି ୧୧ ଘଣ୍ଟା ୨୫ ମିନିଟରେ ବିୟୋଗ ହେବା ସମ୍ପର୍କରେ ଗୃହର ନେତା ଯେଉଁ ପ୍ରସ୍ତାବ ଆଗତ କଲେ, ବିରୋଧୀଦଳ ନେତା ତାଙ୍କୁ ସହମତ କଲେ ଏବଂ ଅନ୍ୟ ସମସ୍ତ ସଭ୍ୟବନ୍ଧୁମାନେ ତାଙ୍କୁ ସହମତ ପ୍ରକାଶ କଲେ, ସେହି ପ୍ରସ୍ତାବ ସହିତ ମୁଁ ନିଜକୁ ସାମିଲ କରୁଛି । ଭବେନ୍ଦ୍ର ନାଥ ମାଝି ଜଣେ ନିର୍ଭୀକ ଭାବରେ ଆଦିବାସୀମାନଙ୍କ ଭିତରୁ ଉଦୀୟମାନ ଯୁବକ ଥିଲେ । ବିଶେଷକରି ମୋ ଜିଲ୍ଲାରୁ ହୋଇଥିବାରୁ ମୁଁ ଜାଣେ ମୋ ପକ୍ଷରେ ଏବଂ ମୋ ଜିଲ୍ଲା ମଧ୍ୟରେ ସେ ଥିଲେ ଜଣେ ଗୌରବ । ତାଙ୍କର ଅକାଳ ବିୟୋଗ ଆମ ସମସ୍ତଙ୍କୁ ମର୍ମାହତ କରିଛି, ଏଥିରେ କୌଣସି ସନ୍ଦେହ ନାହିଁ । ତାଙ୍କର ପରିବାରଙ୍କ ପାଇଁ ମାନ୍ୟବର ସଭ୍ୟଙ୍କ ଭିତରେ ଯେଉଁ ମତ ପ୍ରକାଶ ପାଇଲା, ମୁଁ ଆଶା କରିବି, ସେଗୁଡ଼ିକ ନିଶ୍ଚିତ ଭାବରେ କାର୍ଯ୍ୟକାରୀ ହୋଇ ତାଙ୍କ ପରିବାରଙ୍କୁ ସାହାଯ୍ୟ ହେବ । ସେ ମୋ ଜିଲ୍ଲାର କେବଳ ଗର୍ବ ନ ଥିଲେ, ତାଙ୍କର ମୃତ୍ୟୁରୁ ମୁଁ ମୋର ପୁତ୍ରଶୋକ ଭଳି ମନେକରୁଛି । ତାଙ୍କୁ ବହୁତ ଭଲ ପାଉଥିଲି । ଯାହାହେଉ ତାଙ୍କର ପରିବାରକୁ ଆମ ଗୃହ ସଦସ୍ୟମାନଙ୍କର ଯେଉଁ ମତ ତାହା ଜଣାଇ ଦିଆଯିବ । ବର୍ତ୍ତମାନ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ୨ ମିନିଟ ଠିଆହୋଇ ସେ ସ୍ୱର୍ଗୀୟ ଆତ୍ମାପ୍ରତି ସମ୍ମାନ ଦେଖାଇବା ।

(The House stood in silence for two minutes as a mark of respect to the departed soul.)

Mr. SPEAKER : ଆଜି ଏ departed soulଙ୍କର ସମ୍ମାନ ପାଇଁ ଆଜିକାର ଯାହା ବିଜିନେସ ସବୁ ଥିଲା, ତା' ଭିତରୁ କେବଳ ବଜେଟ୍ ଉପସ୍ଥାପିତ ସମ୍ପର୍କୀୟ ବିଷୟକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ବିଷୟ ଆସନ୍ତା କାଲିକୁ ନିଆଯିବ ଏବଂ ସେହି departed soulଙ୍କ ସମ୍ମାନ ପାଇଁ ବର୍ତ୍ତମାନ ବିଧାନ ସଭା ଉପରବେଳା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରହିବ ।

(The Housc adjourned till 5-30 P. M.)

---

(The House reassembled at 5-30 P. M.)

(Mr. Deputy Speaker in the Chair)

## PRESENTATION OF THE BUDGET

ଶ୍ରୀ ଗଙ୍ଗାଧର ମହାପାତ୍ର (ମନ୍ତ୍ରୀ) : ଉପାଧ୍ୟକ୍ଷ ମହାଶୟ, ୧୯୮୬-୮୭ର ବାର୍ଷିକ ଆର୍ଥିକ ବିବରଣୀ ଓ ଅନ୍ୟାନ୍ୟ ବଜେଟ୍ ସମ୍ବନ୍ଧୀୟ କାଗଜପତ୍ର..........

(Interruption)

ଶ୍ରୀ ନଳିନୀକାନ୍ତ ମହାନ୍ତି : Sir, point of order. ଏହା ଉପରେ ମାନ୍ୟବର ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗୋଟିଏ ପ୍ରିଭିଲେଜ୍ ମୋସନ ଦେଇଥିଲେ । ସେତେବେଳେ ଏହାର ପୂର୍ବ ବିବରଣୀ ଖବରକାଗଜରେ ପ୍ରକାଶିତ ହୋଇଛି । Finance Minister ଆଜି ଏ ବିବରଣୀ ଦେବାର କି ଯଥାର୍ଥତା ଅଛି । ଏହା ବହୁ ସମ୍ବାଦପତ୍ରରେ ବାହାରି ସାରିଛି । ସେ privilege motion ଏପର୍ଯ୍ୟନ୍ତ ଅସଲ dispose କରାଯାଇନାହିଁ ।

(Interruption)

ଶ୍ରୀ ବାଳଗୋପାଳ ମିଶ୍ର : Privilege motion ମୁଁ ନିଜେ ମଧ୍ୟ ଦେଇଛି ।

(Interruption)

ଶ୍ରୀ ଗଙ୍ଗାଧର ମହାପାତ୍ର (ମନ୍ତ୍ରୀ) : 1986-87ର ବାର୍ଷିକ ଆର୍ଥିକ ବିବରଣୀ ଓ ଅନ୍ୟାନ୍ୟ ବଜେଟ୍ ସମ୍ବନ୍ଧୀୟ କାଗଜପତ୍ର ମାନ୍ୟବର ସଦସ୍ୟମାନଙ୍କୁ ଯୋଗାଇ ଦିଆଯାଇଅଛି । ଗତ ଜୁଲାଇ ମାସରେ ଏହି ମହାମାନ୍ୟ ଗୃହରେ ଚଳିତ ବର୍ଷର ବଜେଟ ଉପସ୍ଥାପନ କରି ମୁଁ ସୂଚନା ଦେଇଥିଲି ଯେ ରାଜ୍ୟ ଯୋଜନାର ଆକାର 486 କୋଟି 23 ଲକ୍ଷ ଟଙ୍କା କରାଯାଇ-

ଅଛୁ, ସବୁଠି ଯୋଜନା କମିଶନ ଏଥିପାଇଁ 450 କୋଟି ଟଙ୍କା ଅନୁମୋଦନ କରିଥିଲେ । ଚଳିତ ବର୍ଷ ରାଜ୍ୟ ଯୋଜନା ବ୍ୟୟ ବରାଦ ଟଙ୍କା 36 କୋଟି 23 ଲକ୍ଷ ଅଧିକ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ମୋଟାମୋଟି ନିଅଣ୍ଟିଆ ପରିମାଣକୁ ଯୋଜନା କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ମଧ୍ୟରେ ସୀମିତ ରଖାଯିବ । ଏତଦ୍‌ବ୍ୟତୀତ ବର୍ଷମଧ୍ୟରେ ଅଣଯୋଜନା ଓ ଯୋଜନାର ବ୍ୟୟ ବୃଦ୍ଧିରୁ ଅଧିକ ଅର୍ଥର ଆବଶ୍ୟକତା ବର୍ଷଶେଷରେ ବହୁର କରାଯାଇଥିଲା ଏବଂ 1986 ଫେବୃୟାରୀ ମାସରେ ଅତିରିକ୍ତ ବ୍ୟୟ ଅଟକଳ ଜରିଆରେ ଆବଶ୍ୟକୀୟ ବ୍ୟୟ ମଞ୍ଜୁରୀ କରାଯାଇଥିଲା । ସାଧନୋପାୟ ଉପରେ ଅନବରତ ନିୟନ୍ତ୍ରଣ ଏବଂ କଡ଼ାକଡ଼ି ଭାବରେ ଆର୍ଥିକ ଶୃଙ୍ଖଳା ରକ୍ଷାକରିବା ଫଳରେ ଭାରତୀୟ ରିଜର୍ଭ ବ୍ୟାଙ୍କରେ ଆମର ଗଚ୍ଛିତ ଅର୍ଥ ପରିମାଣ ବେଶ୍ ସନ୍ତୋଷ ଜନକ । ବର୍ଷର ଆରମ୍ଭରେ ଥିବା ଓଭରଡ୍ରାଫ୍ଟ ସମ୍ପୂର୍ଣ୍ଣଭାବରେ ଭରଣା କରାଯାଇ ପାରିଛୁ ଏବଂ ଏପରିକି ଆମେ 10-9-1985 ଠାରୁ ସାଧନୋପାୟ (Ways and Means) ଅଗ୍ରିମ ବାବଦରେ କୌଣସି ଅର୍ଥ ଉଠାଣ କରିନାହୁଁ ।

2. ଯୋଜନା କମିଶନ ମୁଖ୍ୟମନ୍ତ୍ରୀଙ୍କ ସହିତ 1986-87 ମସିହାର ବାର୍ଷିକ ଯୋଜନା ଚୂଡ଼ାନ୍ତ କରିବା ସଂକ୍ରାନ୍ତୀୟ ଆଲୋଚନା କରିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକର ପ୍ରଶଂସା କରିଛନ୍ତି । ବଜେଟ ପ୍ରସ୍ତୁତ କରିବା ସମୟରେ ଏକ ସନ୍ତୁଳିତ ବଜେଟ କରିବା ଦିଗରେ ଆମର ପ୍ରଚେଷ୍ଟା ଏବଂ ସମ୍ବଳ ସଂଗ୍ରହ ଦିଗରେ ଆମର ଉଦ୍ୟମ ଯୋଗୁଁ 1986-87ର ଯୋଜନା ବ୍ୟୟ ବାବଦରେ ଆମେ 600 କୋଟି ଟଙ୍କା ପାଇବାକୁ ସମର୍ଥ ହୋଇ ପାରିଛୁ ଏବଂ ଏହା ଚଳିତ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ଯୋଜନା ପରିମାଣଠାରୁ ଶତକଡ଼ା 33 ଭାଗ ଅଧିକ ।

3. ଷଷ୍ଠ ଯୋଜନା କାଳରେ ଆମର ସାଫଲ୍ୟ ଉଚ୍ଚକୋଟିର ବୋଲି ମାନ୍ୟବର ସଦସ୍ୟମାନେ ମୋ ସହିତ ଏକମତ ହେବେ । ସର୍ବଭାରତୀୟ ସ୍ତରରେ ହାରାହାରି ଅଭିବୃଦ୍ଧିର ହାର ଶତକଡ଼ା 5·3 ଭାଗ ହୋଇଥିବା ସ୍ଥଳେ ଆମେ ଶତକଡ଼ା 6·1 ଭାଗ ଅଭିବୃଦ୍ଧି ହାସଲ କରିପାରିଛୁ । ସପ୍ତମ ଯୋଜନାକାଳ ମଧ୍ୟରେ ସର୍ବଭାରତୀୟ ବାର୍ଷିକ ଅଭିବୃଦ୍ଧିର ହାର ଶତକଡ଼ା 5 ଭାଗ ହେବ ବୋଲି ଅଟକଳ କରାଯାଇଥିବା ସ୍ଥଳେ ଆମର ପୂର୍ବରୁ ହାସଲ ହୋଇଥିବା ଶତକଡ଼ା 6·1 ଭାଗ ଅଭିବୃଦ୍ଧିର ହାର ଯେପରି ଅବ୍ୟାହତ ରହେ ସେଥିପ୍ରତି ଆମେ ଲକ୍ଷ୍ୟ ରଖିଛୁ । କ୍ରମାଗତଭାବେ ଅଧିକ ଅଭିବୃଦ୍ଧିର ହାର ହାସଲ କରିବାକୁ ହେଲେ ମୁଖ୍ୟତଃ ରାଜ୍ୟ ଯୋଜନା ସମ୍ବଳ, କେନ୍ଦ୍ରୀୟ ଯୋଜନା ଏବଂ ଅନୁଷ୍ଠାନିକ ଅର୍ଥ ଲଗାଣ ସଂସ୍ଥା ସହାୟତା ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଉନ୍ନତ ରାଜ୍ୟଗୁଡ଼ିକ ଅଧିକ ଉତ୍ପାଦନକ୍ଷମ ସମ୍ବଳ ଯୋଗୁଁ ବଳକା ସୃଷ୍ଟି କରିବାକୁ ସକ୍ଷମ ହୋଇ, ଯୋଜନା କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବାକୁ ସମର୍ଥ ହୋଇ ପାରୁଛନ୍ତି । ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଆର୍ଥିକ ସହାୟତା ମିଳିବା ସତ୍ତ୍ୱେ, ପର୍ଯ୍ୟାପ୍ତ ସମ୍ବଳ ଅଭାବରୁ ଆମେ ଯୋଜନା ବାବଦରେ ଅଧିକ ବିନିଯୋଗ କରିବାପାଇଁ ସମର୍ଥ ହୋଇ ପାରୁନାହୁଁ । ମୁଣ୍ଡପିଛା ବିନିଯୋଗ (*Per Capita* investment) କୁ ପ୍ରଭୂତ ପରିମାଣରେ ବୃଦ୍ଧି କରିବାକୁ ହେଲେ କେନ୍ଦ୍ରୀୟ ସହାୟତା ପର୍ଯ୍ୟାପ୍ତ ସହିତ, ସଙ୍ଗେ ରାଜ୍ୟ ଯୋଜନା ବ୍ୟୟ ବରାଦକୁ ମଧ୍ୟ ବୃଦ୍ଧି କରିବାକୁ ହେବ । ସପ୍ତମ ଯୋଜନା କାଳ ମଧ୍ୟରେ ରାଜ୍ୟ ଯୋଜନା, ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା, ନାଲ୍‌କୋ, ରେଲବାଇ ବିଭାଗ, ସୁପର ଥର୍ମାଲ, ବଲାଙ୍ଗିରଠାରେ ଗଢି ଉଠୁଥିବା ସାମରିକ ପ୍ରକଳ୍ପ ଏବଂ ପାରାଦ୍ୱୀପ ଫସ୍‌ଫେଟ ପରି କେନ୍ଦ୍ରୀୟ ପ୍ରକଳ୍ପ ବେସରକାରୀ ଉଦ୍ୟୋଗ ଏବଂ ଅର୍ଥ ଲଗାଣକାରୀ ସଂସ୍ଥା ଜରିଆରେ ସପ୍ତମ ଯୋଜନା କାଳରେ ପ୍ରଭୂତ ପରିମାଣରେ ପୁଞ୍ଜି ବିନିଯୋଗ ହେବାର ଆଶା କରାଯାଏ । ଏହି ପୁଞ୍ଜି ବିନିଯୋଗଦ୍ୱାରା ସପ୍ତମ ଯୋଜନା ନିମିତ୍ତ ପ୍ରସ୍ତାବିତ ଶତକଡ଼ା 6·1 ଭାଗ ଅଭିବୃଦ୍ଧିର ହାର ହାସଲ ହୋଇ ପାରିବ ବୋଲି ଆଶା କରାଯାଉଛି ।

4. ସର୍ବଭାରତୀୟ ମୁଣ୍ଡପିଛା ଆୟ ସ୍ତରରେ ପହଞ୍ଚିବା ପାଇଁ ଆମର ଐକାନ୍ତିକ ଉଦ୍ୟମ ଜାରି ରହିଛି । ବର୍ଷାନୁକ୍ରମେ ଲାଗି ରହିଥିବା ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆୟ ବୃଦ୍ଧି ଦିଗରେ ମୁଖ୍ୟ ପ୍ରତିବନ୍ଧକ ଅଟେ । ଏହା ସତ୍ତ୍ୱେ ଷଷ୍ଠ ଯୋଜନା କାଳ ମଧ୍ୟରେ ଆମର କ୍ରମାଗତ ଉଦ୍ୟମ ଫଳରେ ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ଥିବା ମୁଣ୍ଡ ପିଛା ଆୟର ତାରତମ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ସପ୍ତମ ଯୋଜନା କାଳ ମଧ୍ୟରେ ସର୍ବଭାରତୀୟ ହାରାହାରି ଅଭିବୃଦ୍ଧିର ହାର ଶତକଡ଼ା 5 ଭାଗ ରଖାଯାଇଥିବା ସ୍ଥଳେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା 6·1 ଭାଗ ଲକ୍ଷ୍ୟ ରଖା ଯାଇଥିବାରୁ ମୁଣ୍ଡପିଛା ଆୟ ହାରରେ ଥିବା ତାରତମ୍ୟ ସପ୍ତମ ଯୋଜନା ଶେଷ ସୁଦ୍ଧା ବିଶେଷ ଭାବେ ହ୍ରାସ ପାଇଯିବ ବୋଲି ଆଶା କରାଯାଏ ।

5. 1980-81ରେ ଆମ ରାଜ୍ୟରେ ପ୍ରାୟ 33 ଲକ୍ଷ 7 ହଜାର ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । 1977-78ରେ ସର୍ବଭାରତୀୟ ସ୍ତରରେ ଦାରିଦ୍ର୍ୟର ହାର ଶତକଡ଼ା 48·13 ଥିବା ବେଳେ ଆମ ରାଜ୍ୟରେ ଏହା ଶତକଡ଼ା 66·4 ଥିଲା । ଯୋଜନା କମିଶନଙ୍କ ସମୀକ୍ଷା ଅନୁଯାୟୀ ଷଷ୍ଠ ଯୋଜନା ଶେଷ ସୁଦ୍ଧା ସର୍ବଭାରତୀୟ ସ୍ତରରେ ଉକ୍ତ ହାର ଶତକଡ଼ା 36·9କୁ ହ୍ରାସ ପାଇଥିବା ବେଳେ ସପ୍ତମ ଯୋଜନା ଶେଷ ସୁଦ୍ଧା ଏହା ଶତକଡ଼ା 25·8କୁ ହ୍ରାସ ପାଇବ । ଷଷ୍ଠ ଯୋଜନା କାଳରେ ବିଭିନ୍ନ ଦାରିଦ୍ର୍ୟ ଦୂରୀ-କରଣ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ 14 ଲକ୍ଷ 30 ହଜାର ପରିବାରଙ୍କୁ ସାହାଯ୍ୟ କରାଯାଇଥିଲା । 1984 ମସିହାରେ କେତେକ ପ୍ରତିଷ୍ଠିତ ପରାମର୍ଶଦାତା ସଂସ୍ଥା (Eminent Consultancy Organisation)ଦ୍ୱାରା ମୂଲ୍ୟାୟନ କରାଯିବା ସମୟରେ ଦେଖା-ଗଲା ଯେ ଦାରିଦ୍ର୍ୟର ସୀମା ନିର୍ଣ୍ଣୟ ପାଇଁ ଧାର୍ଯ୍ୟ କରାଯାଇଥିବା ବାର୍ଷିକ ଆୟ ସ୍ତରକୁ ଶତକଡ଼ା 25ରୁ 40 ଭାଗ ଉପକୃତ ପରିବାର ଅତିକ୍ରମ କରିଥିଲେ ଏବଂ ରାଜ୍ୟର ସାହାଯ୍ୟପ୍ରାପ୍ତ ପରିବାରଙ୍କ ମଧ୍ୟରୁ ହାରାହାରି ଶତକଡ଼ା 32 ଭାଗ ପରିବାର ଏହି ରେଖାକୁ ଅତିକ୍ରମ କରିଥିଲେ । ରାଜ୍ୟ ଯୋଜନା ସଂସ୍ଥାର ଅନୁଶୀଳନ ଅନୁଯାୟୀ ଦାରିଦ୍ର୍ୟର ହାର ଶତକଡ଼ା 66 4 ଭାଗରୁ ଶତକଡ଼ା 52 ଭାଗକୁ ହ୍ରାସ ପାଇଅଛି । ଯୋଜନା କମିଶନ ସଦସ୍ୟ ଡଃ ହନୁମନ୍ତ ରାଓ ସମସ୍ତ ଦେଶ ଓ ରାଜ୍ୟ ଗୁଡ଼ିକର ଗ୍ରାମାଞ୍ଚଳ ଦାରିଦ୍ର୍ୟର ଅବକଳନ

ଜାଣିଛି 1983-84ର ଜାତୀୟ ନମୁନା ସର୍ବେମାପର 38ତମ ଖାଉଟି ଦ୍ରବ୍ୟ ଅନୁଯାୟୀ ସମୀକ୍ଷାକଣ ଓଡ଼ିଶାର ଗ୍ରାମାଞ୍ଚଳର ଶତକଡ଼ା ପ୍ରାୟ 45 ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାର ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଦାରିଦ୍ର୍ୟର ଉଚ୍ଚ ଶତକଡ଼ା ହାର ଯେ ଆମର ଏକ ଗମ୍ଭୀର ସମସ୍ୟା ତାହା ମାନ୍ୟବର ସଦସ୍ୟମାନେ ଉପଲବ୍ଧି କରୁଥିବେ । ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡ଼ିକ ଲାଗି ଅଧିକ ବିନିଯୋଗ ଓ ଏଗୁଡ଼ିକର ପରିସରକୁ ସମ୍ପ୍ରସାରିତ କରିବା ଦିଗରେ ଆମର ଉଦ୍ୟମ ଅବ୍ୟାହତ ରହିବ । ସୌଭାଗ୍ୟବଶତଃ ଆମ ରାଜ୍ୟ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ, ଆମର ଉଦ୍ୟମ ଯୋଗୁଁ ସଫଳତା ଆଡ଼କୁ ଗତି କରୁଛି ।

6. ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଆମ ରାଜ୍ୟର ରାଜ୍ୟ ଯୋଜନା ବାବଦରେ 2,700 କୋଟି ଟଙ୍କା ବରାଦ କରାଯାଇଅଛି । ଏତଦ୍ଭିନ୍ନ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ରୀୟ ଯୋଜନା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା, ଆଦିବାସୀ ଉନ୍ନୟନ ଓ ତପସିଲଭୁକ୍ତ ଜାତିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ବାବଦରେ ମିଳୁଥିବା କେନ୍ଦ୍ରୀୟ ସହାୟତାର ବିନିଯୋଗ ହେବ । ମୁଁ ପୂର୍ବରୁ ସୂଚନା ଦେଇଛି ଯେ 1986-87 ବର୍ଷର ବାର୍ଷିକ ରାଜ୍ୟ ଯୋଜନା ଆକାରକୁ 600 କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଅଛି । ଏଥିମଧ୍ୟରୁ ରାଜ୍ୟ ବଜେଟ୍‌ରେ 515 କୋଟି 88 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ଓ ଅବଶିଷ୍ଟ ଅର୍ଥ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (73 କୋଟି 86 ଲକ୍ଷ), ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (8 କୋଟି 33 ଲକ୍ଷ) ଏବଂ ପୌର ସ୍ୱାସ୍ଥ୍ୟ ସଂସ୍ଥା (1 କୋଟି 93 ଲକ୍ଷ) ମାନଙ୍କ ଯୋଜନା ବ୍ୟୟ ବାବଦକୁ ରଖାଯାଇଅଛି । ଯୋଜନା ବ୍ୟୟ ବରାଦ ନିମ୍ନ ପ୍ରକାରେ କରାଯିବାର ପ୍ରସ୍ତାବ ଦିଆଯାଇଅଛି ।

| ସେକ୍ଟର | 1986-87ର ଯୋଜନାର ଆକାର (କୋଟି ଟଙ୍କାରେ) | ମୋଟର ଶତକଡ଼ା ହାର | 1985-86ର ଯୋଜନା ଆକାର 468 କୋଟି 23 ଲକ୍ଷ ଉପରେ ଶତକଡ଼ା ବୃଦ୍ଧି |
|---|---|---|---|
| (1) | (2) | (3) | (4) |
| 1. ସମବାୟ ସମେତ କୃଷି ଓ ଆନୁଷଙ୍ଗିକ ସେବା | 57·12 | 9·52 | 34·73 |
| 2. ଗ୍ରାମ୍ୟ ଉନ୍ନୟନ .. | 45·43 | 7·57 | 21·16 |
| 3. ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ .. | 145·50 | 24·25 | 24·15 |
| 4. ଶକ୍ତି— ରାଜ୍ୟ ସରକାର 70·97; ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ 73·86 .. | 144·83 | 24·14 | 5·78 |
| 5. ଶିଳ୍ପ ଓ ଖଣିଜ ଦ୍ରବ୍ୟ .. | 42·15 | 7·02 | 12·25 |
| 6. ପରିବହନ— ରାଜ୍ୟ ସରକାର 31·62; ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ 8·33 .. | 39·95 | 6·66 | 0·48 |
| 7. ବିଜ୍ଞାନ, ବୈଷୟିକ ଓ ପରିବେଶ .. | 1·00 | 0·17 | 4·17 |
| 8. ଅନ୍ୟାନ୍ୟ ଆର୍ଥିକ ସେବା .. | 7·72 | 1·29 | 55·32 |
| 9. ସାମାଜିକ ସେବା— ରାଜ୍ୟ ସରକାର 93·08; ପୌର ସ୍ୱାସ୍ଥ୍ୟ ସଂସ୍ଥା 1·93 .. | 95·01 | 15·83 | 12·17 |
| 10. ସାଧାରଣ ସେବା .. | 21·30 | 3·55 | 65·82 |
| ମୋଟ .. | 6,00·00 | 100% | .. |

7. ମୁଁ ବର୍ତ୍ତମାନ କେତେକ ମୁଖ୍ୟ ସେକ୍ଟରଗୁଡ଼ିକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବାକୁ ଚାହେଁ ।

8. କୃଷି କ୍ଷେତ୍ରରେ ବିଶେଷକରି ବର୍ଷା ଜଳ ଉପରେ ନିର୍ଭରଶୀଳ ଓ ମରୁଡ଼ି ପ୍ରବଣ ଅଞ୍ଚଳରେ କୃଷି ଉତ୍ପାଦନ ବୃଦ୍ଧି କରିବା ସପ୍ତମ ଯୋଜନାର ଅଭିମୁଖ୍ୟ ଅଟେ । ଉନ୍ନତ ଶୁଷ୍କ-ଅଞ୍ଚଳ କୃଷି ପଦ୍ଧତି ଅବଲମ୍ବନ, ଜମିର ସର୍ବାଧିକ ବ୍ୟବହାର ଉଦ୍ଦେଶ୍ୟରେ ବିଭିନ୍ନ ଫସଲ ଖସଡ଼ା ପ୍ରବର୍ତ୍ତନ, ଅଧିକ ଅମଳକ୍ଷମ ଫସଲ କିସମର ବୀଜ ସଂପ୍ରସାରଣ ଏବଂ ଉତ୍ପାଦିତ ସାମଗ୍ରୀର ସମୟୋଚିତ ଯୋଗାଣପାଇଁ ଭିତ୍ତିଭୂମି ସୁଦୃଢ଼ କରିବା ପ୍ରଭୃତି ପଦକ୍ଷେପମାନ ଆମର ପ୍ରଧାନ ଅଭିମୁଖ୍ୟ ହେବ । ଦେଶର ପୂର୍ବାଞ୍ଚଳରେ ଧାନ ଉତ୍ପାଦନ ହ୍ରାସ ପାଉଥିବାରୁ ଦେଶର ପୂର୍ବାଞ୍ଚଳର ବିକାଶ ଏବଂ ଦାରିଦ୍ର୍ୟ ଦୂରୀକରଣ ବାଟରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି । ଏପରି ଏକ ଜଟିଳ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ୬୩ଟି ବ୍ଲକକୁ ଚିହ୍ନଟ କରାଯାଇ ସେଠାରେ ସ୍ୱତନ୍ତ୍ର ସଘନ ଧାନ ଉତ୍ପାଦନ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ବ୍ଲକକୁ ରିହାତି ଦରରେ ଉନ୍ନତ ଧରଣର ସାର ଓ ବିହନ ଇତ୍ୟାଦି ଯୋଗାଇବା ସଙ୍ଗେ ସଙ୍ଗେ 10,000 ବିହନ ପ୍ୟାକେଟ (Minikits) ବଣ୍ଟନ କରାଯିବ । ଧାନ ଫସଲ ପାଇଁ 1985-86ରେ ପ୍ରବର୍ତ୍ତିତ ହୋଇଥିବା ଶସ୍ୟ ବୀମା ଯୋଜନା ଅବ୍ୟାହତ ରହିବ । ଅଧିକ ପରିମାଣର ଖାଇବା ତେଲ ଆମଦାନୀ କରିବା ଯୋଗୁଁ ଉପୁଜିଥିବା ଟ୍ରେଡ୍ ଗ୍ୟାପ୍‌କୁ ହ୍ରାସ କରିବାପାଇଁ କୃଷକଙ୍କୁ କେତେକ ପ୍ରୋତ୍ସାହନ ବ୍ୟବସ୍ଥା, ଦର ସହାୟତା (Support price) ଦିଆଯାଇ ଗତ କେତେବର୍ଷ ଧରି ତୈଳବୀଜ ଉତ୍ପାଦନ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦିଆଯାଇଅଛି । ଏହି କ୍ଷେତ୍ରରେ ଓଡ଼ିଶାର ବିଶେଷ ସାଫଲ୍ୟ ଉଲ୍ଲେଖଯୋଗ୍ୟ । ଆମ ରାଜ୍ୟରେ ଚିନାବାଦାମ ଉତ୍ପାଦନ ସମଗ୍ର ଦେଶରେ ସର୍ବାଧିକ ଏବଂ ନଈ କୂଳିଆ ଅଞ୍ଚଳରେ ଜମିର ଆର୍ଦ୍ରତାର ସୁବିଧା ନେଇ ଏହି ଚାଷର ପ୍ରସାର ଦିଗରେ ଆମର ପ୍ରଚେଷ୍ଟା ବିଶେଷ ଫଳପ୍ରଦ ହୋଇଅଛି । 1986-87 ବର୍ଷରେ ଖାଦ୍ୟଶସ୍ୟ ଓ ତୈଳବୀଜ ଉତ୍ପାଦନ ଯଥାକ୍ରମେ 76 ଲକ୍ଷ 32 ହଜାର ଟନ ଏବଂ 9 ଲକ୍ଷ 10 ହଜାର ଟନ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସମୁଦାୟ 36 ଲକ୍ଷ 72 ହଜାର କୃଷକ ପରିବାରଙ୍କ ମଧ୍ୟରୁ 28 ଲକ୍ଷ 26 ହଜାର ପରିବାରଙ୍କୁ 1985 ଜୁନମାସ ସୁଦ୍ଧା ସମବାୟ ପରିସରଭୁକ୍ତ କରାଯାଇଛି । ସମବାୟ ପରିସରଭୁକ୍ତ ଏହି ପରିବାରଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ 70 ଭାଗ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । 1986-87ରେ ଆଦିବାସୀ ଓ ହରିଜନ ପରିବାରଙ୍କ ମଧ୍ୟରୁ 25 ହଜାର ଲେଖାଏଁ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଫଳ ଓ ପନିପରିବା ଚାଷର ଉନ୍ନୟନ ପ୍ରତି ଯଥେଷ୍ଟ ଯଥେଷ୍ଟ ଦୃଷ୍ଟି ଦିଆଯିବ ।

9. ରାଜ୍ୟର ଶତକଡ଼ା ପ୍ରାୟ 47 ଭାଗ ଜମିରେ ମୃତ୍ତିକା କ୍ଷୟ ହେଉଛି । ଏହି ବିପର୍ଯ୍ୟୟକୁ ପ୍ରତିରୋଧ କରିବା ଲାଗି କେତେକ ଫଳପ୍ରଦ ବ୍ୟବସ୍ଥା ବିଶେଷ ଜରୁରୀ । 1986-87 ମସିହାରେ 6,014 ହେକ୍ଟର ଜମିରେ ବୃକ୍ଷରୋପଣ 7,734 ହେକ୍ଟର ଜମିର ଉନ୍ନୟନ, 447ଟି ମୃତ୍ତିକା ସଂରକ୍ଷଣ ଓ ଜଳମଞ୍ଚ ନିର୍ମାଣ ଏବଂ 168 କଲୋନିରେ ପରିମିତ ନଦୀକୂଳ କ୍ଷୟ ପ୍ରତିରୋଧ ବ୍ୟବସ୍ଥା କରାଯିବ ।

10. ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାପାଇଁ ଗୋ-ଉନ୍ନୟନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏଥିପାଇଁ ଘନୀଭୂତ ଶୁକ୍ର ପ୍ରୟୋଗର ବୈଷୟିକ କୌଶଳ ଅନୁଯାୟୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଉନ୍ନତ ଗୋ-ଖାଦ୍ୟ ଓ ଚିକିତ୍ସାର ବ୍ୟବସ୍ଥା କରିବା ଏବଂ ଦୁଗ୍ଧ ବନ୍ୟାର ୨ୟ ପର୍ଯ୍ୟାୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଦ୍ଧତି ଏବଂ ଗୋ-ପାଳନ ପରି ଏକ ଲାଭଜନକ ଧନ୍ଦା ମାଧ୍ୟମରେ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କୁ ସହାୟତା ଦିଆଯିବ । ଘନୀଭୂତ ଶୁକ୍ର ପ୍ରୟୋଗରେ ବର୍ତ୍ତମାନ ୭୦ଟି କେନ୍ଦ୍ରରେ କୃତ୍ରିମ ପ୍ରଜନନ କାର୍ଯ୍ୟ କରାଯାଉଥିବା ସ୍ଥଳେ ଆସନ୍ତା ବର୍ଷ ଆଉ ଅଧିକ ୧୦୦ଟି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଚାଲୁ କରାଯିବ । ନିଜ ଜମିରେ ଗୋ-ଖାଦ୍ୟ ଉତ୍ପାଦନ କରିବା ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି ଏବଂ ଏଥିପାଇଁ 'ମିନିକିଟ୍' ଆକାରରେ ବିହନ ଏବଂ ସାର ଯୋଗାଇ ଦିଆଯାଉଛି । ଦ୍ୱିତୀୟ ପର୍ଯ୍ୟାୟ ଦୁଗ୍ଧ ବନ୍ୟା କାର୍ଯ୍ୟକ୍ରମ ଚାଲୁଥିବା ଜିଲ୍ଲାମାନଙ୍କରେ ସମନ୍ୱିତ ଗୋ-ଉନ୍ନୟନ କାର୍ଯ୍ୟପାଇଁ ଭିତ୍ତିଭୂମି ସୃଷ୍ଟି କରିବାଲାଗି ଓମ୍‌ଫେଡ୍‌କୁ ସାହାଯ୍ୟ ଦେବାର ପ୍ରସ୍ତାବ ରହିଛି । କଳାହାଣ୍ଡି, ବଲାଙ୍ଗିର, ବାଲେଶ୍ୱର ଏବଂ ସମ୍ବଲପୁର ଜିଲ୍ଲାରେ ଥିବା ଦୁଗ୍ଧ ଉତ୍ପାଦନ ସଙ୍ଘ ଅଧୀନରେ ଦୁଗ୍ଧ ଶୀତଳୀକରଣ କାରଖାନା ସ୍ଥାପନ କରାଯିବ ।

11. ମତ୍ସ୍ୟଚାଷ କାର୍ଯ୍ୟକ୍ରମର ପ୍ରସାର ପାଇଁ ଆଭ୍ୟନ୍ତରୀଣ, ସାମୁଦ୍ରିକ ଓ ଖାରିଜଳ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ସଂପ୍ରସାରଣ କରାଯିବ । ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ 11ଟି ମତ୍ସ୍ୟ ଉନ୍ନୟନ ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଉଥିବା ମତ୍ସ୍ୟଚାଷ ଯୋଜନା ଦ୍ୱାରା 12,323 ହେକ୍ଟର ପରିମିତ ଜଳାଶୟର ଉନ୍ନତି କରାଯାଇଛି । ଏହା ଫଳରେ 29,195 ଜଣ ଦରିଦ୍ର ଲୋକ ଉପକୃତ ହୋଇଛନ୍ତି । ଖାରିଜଳରେ ମାଛ ଚାଷର ବିକାଶ ପାଇଁ 4ଟି ଉପକୂଳବର୍ତ୍ତୀ ଜିଲ୍ଲାରେ 2ଟି ଖାରିଜଳ ମତ୍ସ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯାଇଥିଲା । ମତ୍ସ୍ୟ ସମବାୟ ସମିତି ଗୁଡ଼ିକ ଜରିଆରେ ରାଜ୍ୟର ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳ ଭଣ୍ଡାର ଗୁଡ଼ିକରେ ମତ୍ସ୍ୟଚାଷ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧିକ ସଂପ୍ରସାରିତ କରାଯିବ । 1986-87 ରେ 54,000 ଟନ ମଧୁର ମାଛ ଓ 55,000 ଟନ ଲୁଣିମାଛ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦେଶୀ ଡଙ୍ଗା, ଜାଲ ଓ ଯନ୍ତ୍ର ଚାଳିତ ଡଙ୍ଗା କିଣିବା ପାଇଁ ତଫସିଲଭୁକ୍ତ ଜାତିର ଲୋକ ମାନଙ୍କୁ ଆର୍ଥିକ ସହାୟତା ଦିଆଯିବ । ମତ୍ସ୍ୟ ସମବାୟ ସମିତି ଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ମତ୍ସ୍ୟଚାଷୀ ମାନଙ୍କୁ ଜୀବନ ବୀମାର ଅନ୍ତର୍ଭୁକ୍ତ କରିବା, ମତ୍ସ୍ୟଜୀବୀ ଗ୍ରାମ ଗୁଡ଼ିକରେ ପାନୀୟ ଜଳ ଯୋଗାଇ ଦେବା ଏବଂ ମତ୍ସ୍ୟଚାଷୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା ଇତ୍ୟାଦି ମତ୍ସ୍ୟଜୀବୀ ଉନ୍ନୟନ କାର୍ଯ୍ୟକ୍ରମ ମାନ କ୍ରମାଗତ ଭାବେ କାର୍ଯ୍ୟକାରୀ ହେବ । ବ୍ରିଟିଶ, ସହାୟତାରେ ଅନ୍ତରଙ୍ଗ ଠାରେ ମାଛଧରା ବନ୍ଦର ନିର୍ମାଣ ଓ ଭିତ୍ତିଭୂମି ଉନ୍ନୟନ ଏବଂ ନରୱେ ସରକାରଙ୍କ ସାହାଯ୍ୟରେ କଣାଫଳଠାରେ ପାରମ୍ପରିକ ମତ୍ସ୍ୟଚାଷର ଉନ୍ନୟନ, ମତ୍ସ୍ୟଜୀବୀଙ୍କ ଗ୍ରାମକୁ ରାସ୍ତା ନିର୍ମାଣ

ଓ ମାଛ ଜାଆଁଳ ଉତ୍ପାଦନ ଉପରେ ଅଗ୍ରାଧିକାର ଦେବା ଏହି ପ୍ରକଳ୍ପର ଲକ୍ଷ୍ୟ ।

12. ଜଙ୍ଗଲର ସଂରକ୍ଷଣ ଏବଂ ଜଙ୍ଗଲ ସମ୍ପଦର ସଂପ୍ରସାରଣ କରି ସେଗୁଡ଼ିକର ଉପଯୁକ୍ତ ବିନିଯୋଗ କରିବା ହେଉଛି ଜଙ୍ଗଲ ଉନ୍ନୟନ କ୍ଷେତ୍ରରେ ଆମର ପ୍ରଧାନ ଆଭିମୁଖ୍ୟ । ଏହାଦ୍ୱାରା ରାଜ୍ୟର ରାଜସ୍ୱ ସମ୍ବଳ ବୃଦ୍ଧି ପାଇବ । ଅଧିକ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ଏବଂ ଜଙ୍ଗଲ ଲୋପ ହୋଇ ଆସୁଥିବା ଅଞ୍ଚଳରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯିବ । ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲ ମାନଙ୍କରୁ ବେଆଇନ ଭାବରେ ଗଛ କାଟିବା ଏବଂ କାଠର ଚୋରା କାରବାରକୁ ରୋକିବା ପାଇଁ 5ଟି ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ବାହିନୀ ଗଠନ କରାଯାଇଅଛି । ଏହି ବାହିନୀର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ୍ତ ଏହି ବାହିନୀକୁ ଦ୍ରୁତଗାମୀ ଯାନ ଅସ୍ତ୍ରଶସ୍ତ୍ର ଏବଂ ଆଧୁନିକ ଧରଣର ବାର୍ତ୍ତା ବିନିମୟ ଯନ୍ତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି । ବନ ନିଗମ, ସମବାୟ ସଂସ୍ଥା ଏବଂ ସରକାରୀ ବିଭାଗ ମାଧ୍ୟମରେ କାଠକଣା ଏବଂ କ୍ଷୁଦ୍ର ବନଜାତ ପଦାର୍ଥ ସଂଗ୍ରହ କରାଯାଉଛି । ଜାତୀୟ ପତିତ ଜମି ଉନ୍ନୟନ ବୋର୍ଡ ଗଠିତ ହେଲାପରେ ଜନସାଧାରଣଙ୍କ ସହାୟତାରେ ଅପେକ୍ଷା ଅଧିକ ଜମିରେ ବୃକ୍ଷରୋପଣ ଓ ବନୀକରଣ ହୋଇପାରିବ ସେଥିପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉପରୋକ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣାଙ୍ଗ କରିବାପାଇଁ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଉଛି । ସ୍ୱିଡେନ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ସହାୟତାରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁଯାୟୀ 5,770 ହେକ୍ଟର ଜମିରେ ବୃକ୍ଷରୋପଣ କରିବା ସଙ୍ଗେ ସଙ୍ଗେ ଜଙ୍ଗଲ ହ୍ରାସ ପାଉଥିବା 3,732 ହେକ୍ଟର ଜମିରେ ପୁନରାୟ ବୃକ୍ଷରୋପଣ କରାଯାଇଅଛି ଏବଂ ନିଜ ଜମିରେ ବୃକ୍ଷରୋପଣ କରିବା ପାଇଁ 1985-86ରେ ପ୍ରାୟ 70 ଲକ୍ଷ ଚାରା ବିନା ମୂଲ୍ୟରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯାଇଛି । 1986-87ରେ 14,800 ହେକ୍ଟର ଜମିରେ ବୃକ୍ଷରୋପଣ କରିବା ଏବଂ ବିନାମୂଲ୍ୟରେ ଏକ କୋଟି ଚାରାଗଛ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

13. କେନ୍ଦୁପତ୍ର କାରବାର ସଂପୂର୍ଣ୍ଣ ଶ୍ରମଭିତ୍ତିକ । ଏହି ପରିକଳ୍ପନା ଦ୍ୱାରା କେବଳ ଯେ ଗ୍ରାମାଞ୍ଚଳର ଲୋକେ ସୁଲଭ ମଜୁରି ଓ କାମଧନ୍ଦାର ସୁବିଧା ସୁଯୋଗ ପାଆନ୍ତି ତାହା ନୁହେଁ, ଏଥିରୁ ବର୍ଷକୁ ବର୍ଷ ଅଧିକ ରାଜସ୍ୱ ମିଳୁଅଛି ।

14. ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଓ ଦ୍ରୁତ ବିକାଶଶୀଳ ଅଞ୍ଚଳରେ ବାସ କରୁଥିବା ଘରଡ଼ିହହୀନ ପ୍ରତ୍ୟେକ ପରିବାରଙ୍କୁ ବିନା ସଲାମିରେ ଘର ତୋଳିବା ଲାଗି ସରକାରୀ ଜମି ଘରଡ଼ିହ ସକାଶେ ଯୋଗାଇ ଦିଆଯାଉଅଛି । ବାର୍ଷିକ 30,000 ପରିବାରଙ୍କୁ ଘରଡ଼ିହ ଯୋଗାଇ ଦେବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ 1986 ଜାନୁଆରୀ ଶେଷ ସୁଦ୍ଧା 9,141 ଆଦିବାସୀ, 7,290 ହରିଜନ ସମେତ ମୋଟ 30,955 ପରିବାରଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି । ଆଗାମୀ ବର୍ଷ ପାଇଁ 20,000 ପରିବାରଙ୍କୁ ଘରଡ଼ିହ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଦ୍ୟାବଧି 9 ଲକ୍ଷ 60 ହଜାର ହେକ୍ଟର ଜମିକୁ ଚକବନ୍ଦୀ ପରିସର ଭୁକ୍ତ କରାଯାଇ ସାରିଲାଣି । ପଞ୍ଚମ ଯୋଜନା ପୂର୍ବରୁ 46,000 ହେକ୍ଟର ଜମିକୁ ଚକବନ୍ଦୀ କରାଯାଇଥିଲା ଓ ଷଷ୍ଠ ଯୋଜନାରେ 3 ଲକ୍ଷ 48 ହଜାର ହେକ୍ଟର ଜମିକୁ ଚକବନ୍ଦୀ କରାଯାଇଛି । 1985-86ରେ 1 ଲକ୍ଷ 31 ହଜାର ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ଶେଷ କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

15. ତଫସିଲଭୁକ୍ତ ଜାତି ଓ ଉପଜାତି ସଂପ୍ରଦାୟର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ବିଧାନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସବୁ ପ୍ରକାରର ଶୋଷଣରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରାଯାଉଛି । ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଦିବାସୀ ଉପ ଯୋଜନା, ତଫସିଲଭୁକ୍ତ ଜାତିଙ୍କ ନିମିତ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ଯୋଜନା, ମାଇକ୍ରୋ ପ୍ରୋଜେକ୍ଟ ସଂଶୋଧିତ ଅଞ୍ଚଳ ଉନ୍ନୟନ ଉଦ୍ୟୋଗ ଓ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମରେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ବିନିଯୋଗ କରାଯାଇଛି । 184 ଟି ଗ୍ରାମରେ ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତାଘାଟ ଓ ଶିକ୍ଷା ପ୍ରଭୃତି କ୍ଷେତ୍ରରେ ପ୍ରଶାସନିକ ମାନବୃଦ୍ଧି ପରିକଳ୍ପନା ଏବଂ ଭିତ୍ତିଭୂମିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଗ୍ରାମପିଛା 5 ଲକ୍ଷ ଟଙ୍କା ହିସାବରେ ଅତିରିକ୍ତ ପୁଞ୍ଜି ଲଗାଣ କରିବାର ବ୍ୟବସ୍ଥା କରାଯାଇଛି ।

16. ଜଳ ସମ୍ପଦର ବିକାଶ ପାଇଁ ଅଧିକ ଅର୍ଥ ବିନିଯୋଗ କରିବା ଉପରେ ଆମେ ସର୍ବଦା ଅଧିକ ଗୁରୁତ୍ୱ ଦେଇ ଆସିଛୁ । ଷଷ୍ଠ ଯୋଜନା ଶେଷ ସୁଦ୍ଧା ବୃହତ୍ ଓ ମଧ୍ୟମ ଜଳ ସେଚନ ଯୋଜନା ମାଧ୍ୟମରେ ଖରିଫ୍ ଋତୁ ପାଇଁ 8,49,280, ହେକ୍ଟର ଜମି ଓ ରବି ଋତୁ ପାଇଁ 3,89,290 ହେକ୍ଟର ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଛି । ଚଳିତବର୍ଷ ଖରିଫ୍ ଋତୁପାଇଁ 21,140 ହେକ୍ଟର ଓ ରବି ଋତୁପାଇଁ 10,960 ହେକ୍ଟରରୁ ଅଧିକ ଜମିକୁ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 1986-87 ରାଜ୍ୟଯୋଜନାଅଟକଳରେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ବାବଦରେ 114କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଛି। ଏହି ଅର୍ଥ ବିନିଯୋଗ ଦ୍ୱାରା ଅତିରିକ୍ତ 26,310 ହେକ୍ଟର ଖରିଫ୍ ଓ 4,590 ହେକ୍ଟର ରବିଋତୁ ଜମିକୁ ଜଳସେଚନ କରାଯିବାର କାର୍ଯ୍ୟକ୍ରମ ରଖାଯାଇଅଛି ।

17. ଚଳିତ ବର୍ଷ କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ ଖରିଫ୍‌ରେ 2,761 ହେକ୍ଟର ଓ ରବିରେ 1,252 ହେକ୍ଟର ଏପରି ମୋଟ 4,013 ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବାଲାଗି କାର୍ଯ୍ୟକ୍ରମ ରହିଛି । 1986-87 ଆର୍ଥିକ ବର୍ଷ ପାଇଁ କ୍ଷୁଦ୍ର ଜଳସେଚନ (ପ୍ରବାହ) ପାଇଁ 13 କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଛି । ଏହା ବିନିଯୋଗ କରାଯିବା ପରେ ଆଉ ଅଧିକା 3,004 ହେକ୍ଟର ଜମିରେ ଖରିଫ୍ ଓ 660 ହେକ୍ଟର ଜମିରେ ରବିଋତୁ ପାଇଁ ଜଳସେଚନର ସମ୍ଭାବନା ସୃଷ୍ଟି କରାଯାଇ ପାରିବ ।